# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଅନୁଗୋଳ

ପତ୍ର ସଂଖ୍ୟା /ଗୃହରକ୍ଷୀ ତା. .୧୧.୨୦୨୫

## ନୋଟିସ

ବିଜ୍ଞାପନ ପତ୍ର ସଂଖ୍ୟା ୧୯୨/ଗୃହରକ୍ଷୀ ତା. ୧୯.୦୫.୨୦୨୫ ରିଖ ଅନୁଯାୟୀ ଅନୁଗୋଳ ଜିଲ୍ଲାର ୧୪୧ ଗୋଟି ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ଗତ ତା. ୦୯.୦୯.୨୦୨୫ ରିଖ ଠାରୁ ୧୧.୦୯.୨୦୨୫ ରିଖ ମଧ୍ୟରେ ହୋଇଥିବା ଶାରୀରିକ ପରିମାପ ପରୀକ୍ଷା, ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଯେଉଁ ପ୍ରାର୍ଥୀ ମାନେ Form-A ଆବେଦନ ସମୟରେ ବିଭିନ୍ନ ଦକ୍ଷତା ଯଥା :- କମ୍ପ୍ୟୁଟର ଶିକ୍ଷା, ଗାଡି ଚାଳନା, ରୋଷେଇ, ବିଦ୍ୟୁତ ମିସ୍ତ୍ରୀ, ଏ. ସି ମିସ୍ତ୍ରୀ, ବଢେଇ, ଧୋବୀ, ଭଣ୍ଡାରି, ଝାଡୁଦାର ଇତ୍ୟାଦି ଦକ୍ଷତା ପାଇଁ ଉଲ୍ଲେଖ କରିଥିଲେ, ସେମାନଙ୍କର ବିଭିନ୍ନ ଦକ୍ଷତା ଭିତ୍ତିକ ପରୀକ୍ଷା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟ ଓ କ୍ରମାଙ୍କ ନମ୍ବର ଅନୁଯାୟୀ ଅନୁଷ୍ଠିତ ହେବାକୁ ଯାଉଅଛି । ଯେଉଁ ପ୍ରାର୍ଥୀ ମାନେ ଏକ ରୁ ଅଧିକ ଦକ୍ଷତା ପାଇଁ ଆବେଦନ କରିଥିଲେ ସେମାନଙ୍କର ଗୋଟିଏ ଦକ୍ଷତାରେ ପରୀକ୍ଷା ଦେବା ପାଇଁ ସୁଯୋଗ ମିଳିବ । ଏହି ପରୀକ୍ଷାରେ ବିଭିନ୍ନ ଦକ୍ଷତା ପାଇଁ ସର୍ବାଧିକ ୨୦ ନମ୍ବର ମାର୍କ ରହିବ । ଉକ୍ତ ଦକ୍ଷତା ପରୀକ୍ଷାରେ ଯେଉଁ ପ୍ରାର୍ଥୀମାନେ ଦକ୍ଷତା ଭିତ୍ତିକ ଯୋଗ୍ୟତା ତାଲିକାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ନାହିଁ, ସେମାନଙ୍କୁ ସାଧାରଣ ବର୍ଗ (General duty) ଯୋଗ୍ୟତା ତାଲିକାରେ ଅନ୍ତର୍ଭୁକ୍ତ କରାଯିବ, କିନ୍ତୁ ସେମାନଙ୍କର ଦକ୍ଷତା ପରୀକ୍ଷାରେ ପାଇଥିବା ମାର୍କ କୁ ସାଧାରଣ ବର୍ଗର ଯୋଗ୍ୟତା ତାଲିକାରେ ବିଚାରକୁ ନିଆଯିବ ନାହିଁ । ଶାରୀରିକ ପରିମାପ ପରୀକ୍ଷା, ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରାର୍ଥୀମାନଙ୍କ ପାଇଁ ଏକ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା. ୧୫.୧୨.୨୦୨୫ ରିଖ ଠାରୁ ତା. ୨୧.୧୨.୨୦୨୫ ରିଖ ପର୍ଯ୍ୟନ୍ତ ରିଜର୍ଭ ପୋଲିସ ଅଫିସ, ଅନୁଗୋଳ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ପରୀକ୍ଷାରେ ପ୍ରାର୍ଥୀ ମାନଙ୍କ ପାଇଁ ସର୍ବାଧିକ ୨୦ ନମ୍ବର ମାର୍କ ରହିବ ।

❖ ବିଭିନ୍ନ ଦକ୍ଷତା ପରୀକ୍ଷା ର ନିର୍ଦ୍ଧାରିତ ତାରିଖ ଓ ସମୟ :-

| ତାରିଖ | ଦକ୍ଷତା ପରୀକ୍ଷା | ପ୍ରାର୍ଥୀଙ୍କ କ୍ରମାଙ୍କ ନମ୍ବର | ରିପୋର୍ଟିଂ ସମୟ | ପରୀକ୍ଷା ସମୟ | ସ୍ଥାନ |
|---|---|---|---|---|---|
| ୩୦.୧୧.୨୫ | କମ୍ପ୍ୟୁଟର ପରୀକ୍ଷା | ପ୍ରଥମ ପର୍ଯ୍ୟାୟ :- ୧୧ ରୁ ୧୯୮୩ | ସକାଳ ୦୯ ଘଟିକା | ସକାଳ ୧୧ ଘଟିକା ରୁ ୧୨ ଘଟିକା | ଆଦର୍ଶ ଇଞ୍ଜିନିୟରିଂ କଲେଜ, ଅନୁଗୋଳ |
| | | ଦ୍ୱିତୀୟ ପର୍ଯ୍ୟାୟ :- ୧୯୯୭ ରୁ ୪୭୯୮ | ଅପରାହ୍ନ ୦୧ ଘଟିକା | ଅପରାହ୍ନ ୦୩ ଘଟିକା ରୁ ୦୪ ଘଟିକା | |

| | | | | | |
|---|---|---|---|---|---|
| ୦୧.୧୨.୨୫ | ବିଦ୍ୟୁତ ମିସ୍ତ୍ରୀ | ୧୩ ରୁ ୧୩୪୫ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | ରିଜର୍ଭ ପୋଲିସ ଅଫିସ, ଅନୁଗୋଳ |
| ୦୧.୧୨.୨୫ | ରୋଷେଇ | ୧୦୨ ରୁ ୧୦୫୨ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୧.୧୨.୨୫ | ଧୋବୀ | ୪୪୬ ରୁ ୪୩୦୫ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୧.୧୨.୨୫ | ଭଣ୍ଡାରି | ୭୩୮ ରୁ ୨୬୪୯ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୨.୧୨.୨୫ | ବିଦ୍ୟୁତ ମିସ୍ତ୍ରୀ | ୧୩୯୬ ରୁ ୩୪୦୨ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | ରିଜର୍ଭ ପୋଲିସ ଅଫିସ, ଅନୁଗୋଳ |
| ୦୨.୧୨.୨୫ | ରୋଷେଇ | ୧୨୫୬ ରୁ ୨୮୧୨ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୨.୧୨.୨୫ | ଝାଡୁଦାର | ୨୯୭ ରୁ ୩୭୭୯ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | ରିଜର୍ଭ ପୋଲିସ ଅଫିସ, ଅନୁଗୋଳ |
| ୦୨.୧୨.୨୫ | ବଢେଇ | ୯୮୯ ରୁ ୧୯୪୨ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୩.୧୨.୨୫ | ବିଦ୍ୟୁତ ମିସ୍ତ୍ରୀ | ୩୪୧୩ ରୁ ୪୫୦୪ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | ରିଜର୍ଭ ପୋଲିସ ଅଫିସ, ଅନୁଗୋଳ |
| ୦୩.୧୨.୨୫ | ରୋଷେଇ | ୨୮୩୬ ରୁ ୪୭୧୪ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୩.୧୨.୨୫ | ଏ. ସି ମିସ୍ତ୍ରୀ | ୨୦୮୩ ରୁ ୪୫୨୬ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୭.୧୨.୨୫ | ଗାଡି ଚାଳନା ପରୀକ୍ଷା | ୦୬ ରୁ ୫୧୦ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | ରିଜର୍ଭ ପୋଲିସ ଅଫିସ ପଡିଆ , ଅନୁଗୋଳ |
| ୦୮.୧୨.୨୫ | | ୫୮୨ ରୁ ୧୪୬୭ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୦୯.୧୨.୨୫ | | ୧୪୭୫ ରୁ ୨୯୬୧ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |
| ୧୦.୧୨.୨୫ | | ୨୯୭୩ ରୁ ୪୭୯୧ | ସକାଳ ୦୮ ଘଟିକା | ସକାଳ ୧୦ ଘଟିକା | |

| | | | | | |
|---|---|---|---|---|---|
| ୧୫.୧୨.୨୫ | | ୦୩ ରୁ ୭୮୯ | ସକାଳ ୦୭ ଘଟିକା | ସକାଳ ୦୯ ଘଟିକା | |
| ୧୬.୧୨.୨୫ | | ୭୯୨ ରୁ ୧୬୫୧ | ସକାଳ ୦୭ ଘଟିକା | ସକାଳ ୦୯ ଘଟିକା | |
| ୧୭.୧୨.୨୫ | ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା | ୧୬୬୦ ରୁ ୨୬୩୯ | ସକାଳ ୦୭ ଘଟିକା | ସକାଳ ୦୯ ଘଟିକା | ରିଜର୍ଭ ପୋଲିସ ଅଫିସ, ଅନୁଗୋଳ |
| ୧୮.୧୨.୨୫ | | ୨୬୪୩ ରୁ ୩୬୩୬ | ସକାଳ ୦୭ ଘଟିକା | ସକାଳ ୦୯ ଘଟିକା | |
| ୧୯.୧୨.୨୫ | | ୩୬୪୧ ରୁ ୪୮୩୦ | ସକାଳ ୦୭ ଘଟିକା | ସକାଳ ୦୯ ଘଟିକା | |
| ୨୦.୧୨.୨୫ ଓ ୨୧.୧୨.୨୫ | | ସଂରକ୍ଷିତ ଦିନ | | | |

ବି. ଦ୍ର : ଶାରୀରିକ ପରିମାପ ପରୀକ୍ଷା, ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କର କ୍ରମାଙ୍କ ନମ୍ବର ଅନୁଯାୟୀ ସେମାନଙ୍କର ଆବେଦନ ଅନୁସାରେ ଦକ୍ଷତା ର ତାଲିକା ଏହି ସୂଚନା ସହିତ ସଲଗ୍ନ କରାଗଲା ।

- ❖ ପ୍ରାର୍ଥୀମାନେ ଉପରୋକ୍ତ ପରୀକ୍ଷା ସମୟରେ ନିଜର ଅରିଜିନାଲ ଆଡମିଟ୍ କାର୍ଡ, ଶାରୀରିକ ପରିମାପ ପରୀକ୍ଷା, ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ସମୟରେ ମିଳିଥିବା ଅରିଜିନାଲ Token Slip (ଚିରିକୁଟ) ଆଣିବା ସହିତ ବର୍ତ୍ତମାନର ଏକ ପାସପୋର୍ଟ ସାଇଜ୍ ଫଟୋ ଏବଂ ନିଜର ଅରିଜିନାଲ ପରିଚୟ ପ୍ରମାଣପତ୍ର (ଆଧାର କାର୍ଡ , ଭୋଟ ପରିଚୟ ପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ ) ଆଣିବା ବାଧ୍ୟତାମୂଳକ ।
- ❖ ଗାଡି ଚାଳନା ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀ ମାନେ ପରୀକ୍ଷା ଦେବାକୁ ଆସିବା ସମୟରେ ସେମାନଙ୍କର ଅରିଜିନାଲ ଡ୍ରାଇଭିଂ ଲାଇସେନ୍ସ ଆଣିବା ବାଧ୍ୟତାମୂଳକ ।
- ❖ କମ୍ପ୍ୟୁଟର ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀ ମାନେ ପରୀକ୍ଷା ଦେବାକୁ ଆସିବା ସମୟରେ ସେମାନଙ୍କର ଅରିଜିନାଲ କମ୍ପ୍ୟୁଟର ପାସ ସାର୍ଟିଫିକେଟ ଆଣିବା ବାଧ୍ୟତା ମୂଳକ ।
- ❖ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ଅନୁଯାୟୀ ଯେଉଁ ଦକ୍ଷତା ଭିତ୍ତିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେହି ଦକ୍ଷତା ଭିତ୍ତିକ ଯଦି କୌଣସି ଅଭିଜ୍ଞତା ସାର୍ଟିଫିକେଟ ଥାଏ, ତାହା ସାଙ୍ଗରେ ନେଇ ଆସିପାରିବେ ।

❖ ଗାଡି ଚାଳନା ଓ କମ୍ପ୍ୟୁଟର ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀ ମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦକ୍ଷତା ଥିବା ପ୍ରାର୍ଥୀ ମାନେ (ଯଥା :- ରୋଷେୟା, ବିଦ୍ୟୁତ ମିସ୍ତ୍ରୀ, ଧୋବୀ, ଭଣ୍ଡାରି, ଝାଡୁଦାର, ବଢେଇ ଓ ଏ. ସି ମିସ୍ତ୍ରୀ ) ଦକ୍ଷତା ପରୀକ୍ଷା ସମୟରେ ନିଜ ନିଜର ଦକ୍ଷତା ସମ୍ବନ୍ଧୀୟ ଉପକରଣ ଏବଂ ଆନୁଷଙ୍ଗିକ ସାମଗ୍ରୀ ସହ ଆସିବେ ।

26/11/25

ସମାଦେଷ୍ଟା, ଗୃହରକ୍ଷୀ ବାହିନୀ
ଅନୁଗୋଳ

Memo No. 470 / HGs Date: 26.11.2025

Copy to All SDPOs/ All IICs / OICs of Angul district. They are directed to publish in the office notice boards for wide publications for intimation / information for candidates.

26/11/25

**Commandant**
**Home Guards, Angul**

Memo No. 471 / HGs Date: 26.11.2025

Copy to the **Manager, District e-governance, OSWAN, Collectorate, Angul** to publish in the website for wide publications for intimation / information for candidates.

26/11/25

**Commandant**
**Home Guards, Angul**